# NATIONAL NEWS BULLETIN (ODIA)

## 31 December - 2024

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଦ୍ୱାରା ଦୁଇଟି ଉପଗ୍ରହର ଉତ୍କ୍ଷେପଣ ସଫଳ ।
- କୂଟନୈତିକ ଆଭିମୁଖ୍ୟରେ ସଫଳତା ଯୋଗୁଁ ବିଶ୍ୱସ୍ତରରେ ପ୍ରମୁଖ ରାଷ୍ଟ୍ର ଭାବେ ଉଭା ହୋଇଛି ଭାରତ ।
- ଆୟକର ବିଭାଗର 'ବିବାଦ ସେ ବିଶ୍ୱାସ' ଯୋଜନାର ସମୟସୀମା ଆସନ୍ତା ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି ।
- ଆଜିଠାରୁ ଆରମ୍ଭ ହେବ ଭାରତ-ନେପାଳ ସାମରିକ ଅଭ୍ୟାସ ସୂର୍ଯ୍ୟ କିରଣର ଅଷ୍ଟାଦଶ ସଂସ୍କରଣ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି ମୁହାଁମୁହିଁ ହେବେ ହାଇଦ୍ରାବାଦ୍ ତୋଫାନ୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ।

# ଇସ୍ରୋ-ସ୍ପେଡେକ୍ସ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଗତକାଲି ରାତିରେ ସ୍ପେସ୍ ଡକିଙ୍ଗ୍ ଏକ୍ସପେରିମେଣ୍ଟ – ସ୍ପାଡେକ୍ସର ସଫଳତାର ସହ ଉତ୍କ୍ଷେପଣ କରିଛି । ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ପି.ଏସ୍.ଏଲ୍.ଭି. **C-60** ରକେଟ୍ ସାହାଯ୍ୟରେ ଦୁଇଟି ସ୍ପେସ୍ କ୍ରାଫ୍ଟକୁ ଉତ୍କ୍ଷେପଣ କରାଯାଇଥିଲା । ଉଭୟ **SDX01** ଏବଂ **SDX02** ଉପଗ୍ରହକୁ ପୃଥିବୀର ନିମ୍ନ କକ୍ଷପଥରେ ଅବସ୍ଥାପିତ କରାଯାଇଛି । ଆସନ୍ତା ୧୦ ଦିନ ମଧ୍ୟରେ ମହାକାଶରେ ଉଭୟ ଉପଗ୍ରହକୁ ଯୋଡ଼ିବା ପ୍ରକ୍ରିୟା କରାଯିବ ବୋଲି ଇସ୍ରୋ ସୂଚନା ଦେଇଛି ।

ଭବିଷ୍ୟତରେ ଏହି ମିଶନ ଚନ୍ଦ୍ରପୃଷ୍ଠରୁ ପଥର ଏବଂ ମାଟି ଆଣିବା, ପ୍ରସ୍ତାବିତ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ ଏବଂ ଚନ୍ଦ୍ରପୃଷ୍ଠରେ ମହାକାଶଚାରୀଙ୍କୁ ଅବତରଣ କରିବା ଆଦି କ୍ଷେତ୍ରରେ ବିଶେଷ ସହାୟକ ହେବ । ଆମେରିକା, ରୁଷ ଏବଂ ଚୀନ୍ ଏହି ଡକିଂ ଟେକ୍ନୋଲୋଜିରେ ପାରଦର୍ଶିତା ହାସଲ କରିସାରିଛନ୍ତି । ଇସ୍ରୋ ପକ୍ଷରୁ କୁହାଯାଇଛି ଏହି ପେ-ଲୋଡ୍ ଉଚ୍ଚ ରିଜୋଲ୍ୟୁସନ୍ ଫଟୋ, ପ୍ରାକୃତିକ ସମ୍ବଳ ନିରୀକ୍ଷଣ, ଉଦ୍ଭିଦ ଅଧ୍ୟୟନ ଏବଂ କକ୍ଷପଥରେ ବିକିରଣ ପରିବେଶ ମାପ ନେଇ ତଥ୍ୟ ପ୍ରଦାନ କରିବ ।

ଉଭୟ ଉପଗ୍ରହର ସଫଳ ଉତ୍କ୍ଷେପଣ ପରେ ଉପଗ୍ରହ ପ୍ୟାନେଲ୍‌ର ସଫଳ ମୁତୟନ ନେଇ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ସୂଚନା ଦେଇଛନ୍ତି । ଆଗାମୀ କିଛି ଦିନ ମଧ୍ୟରେ ସମ୍ପୃକ୍ତ ଉପଗ୍ରହ ଗୁଡ଼ିକ ୨୦ କିଲୋମିଟର ଯାତ୍ରା କରି ନିକଟତ ହେବ ଏବଂ ଡକିଙ୍ଗ୍ ପ୍ରକ୍ରିୟା ଆରମ୍ଭ ହେବ ।

## ଇଣ୍ଡିଆ-ଡିପ୍ଲୋମାଟ୍

ଭାରତ ଗତ ଏକ ଦଶନ୍ଧି ମଧ୍ୟରେ ନିଜ କୂଟନୈତିକ ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ବିଶ୍ୱ ସ୍ତରରେ ଏକ ପ୍ରମୁଖ ରାଷ୍ଟ୍ର ଭାବରେ ଉଭା ହୋଇଛି । ସାରା ବିଶ୍ୱ ଆଜି ଭାରତକୁ ଏଭଳି ଏକ ରାଷ୍ଟ୍ର ଭାବରେ ବିବେଚନା କରୁଛି ଯିଏ ଅନ୍ୟ ଦେଶ ଗୁଡ଼ିକୁ ସାହାଯ୍ୟ ଏବଂ ସହଯୋଗ ଯୋଗାଇ ଦେବା ଲାଗି ସବୁ ସମୟରେ ପ୍ରସ୍ତୁତ ରହିଛି । ୨୦୨୪ ସେହି ଦୃଷ୍ଟିରୁ ଭାରତର କୂଟନୀତି ପାଇଁ ଏକ ଉଲ୍ଲେଖନୀୟ ଏବଂ ସଫଳ ବର୍ଷ ଥିଲା ବୋଲି କୁହାଯାଇଛି । ବିଭିନ୍ନ ପ୍ରକାରର ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରି ବିଦାୟୀ ବର୍ଷରେ ଭାରତ ଆନ୍ତର୍ଜାତିକ ନେତାମାନଙ୍କୁ ଦେଶ ମଧ୍ୟକୁ ଆଣିବାରେ ସକ୍ଷମ ହୋଇଥିଲା । ବିଶ୍ୱଶାନ୍ତି ସ୍ଥାପନ ଦିଗରେ ଭାରତର ବହୁମୁଖୀ କୂଟନୈତିକ ଉଦ୍ୟମ ମଧ୍ୟ ବିଶ୍ୱସ୍ତରରେ ଭାରତର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଜି-୨୦ରେ ଆଫ୍ରିକୀୟ ସଂଘକୁ ଅନ୍ତର୍ଭୁକ୍ତ କରିବା, ଆନ୍ତର୍ଜାତିକ ସୌରମେଣ୍ଟ ଗଠନ ଏବଂ ବିଶ୍ୱ ଜୈବ ଇନ୍ଧନ ମେଣ୍ଟରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗ୍ରହଣ କରିଥିବା

ପଦକ୍ଷେପ ବିଶ୍ୱରେ ନିରପେକ୍ଷ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହା ବ୍ୟତୀତ ଗଙ୍ଗା ଏବଂ ଅଜୟ ଅଭିଯାନ ମାଧ୍ୟମରେ ବିବାଦୀୟ ଦେଶ ଗୁଡ଼ିକରୁ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶକୁ ଆଣିବା ଭାରତୀୟ କୂଟନୀତିର ସଫଳତାକୁ ଦର୍ଶାଉଛି । ସେହିଭଳି ଭୂମିକମ୍ପ ପ୍ରଭାବିତ ତୁର୍କୀ ଏବଂ ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌କୁ ସହାୟତା ପ୍ରଦାନ କରିବା, କୋଭିଡ୍ ସମୟରେ ଟିକାମୈତ୍ରୀ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶକୁ କୋଭିଡ୍ ଟିକା ଯୋଗାଇବା, ଭାରତ-ଚୀନ୍ ପ୍ରକୃତ ନିୟନ୍ତ୍ରଣ ରେଖାରେ ସାମରିକ ବିବାଦର ସମାଧାନ କରିବା ଭଳି ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାରତର କୂଟନୈତିକ ସଫଳତାକୁ ଦର୍ଶାଉଛି ।

## ଆଇଟି ଡିପାର୍ଟ୍‌ମେଣ୍ଟ-ଡିଜି ଯାତ୍ରା

ଟିକସ ଠକେଇ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଡିଜି ଯାତ୍ରାରେ ଥିବା ତଥ୍ୟକୁ ବ୍ୟବହାର କରାଯିବା ସମ୍ପର୍କିତ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦକୁ ସରକାର ଖଣ୍ଡନ କରିଛନ୍ତି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏଭଳି ରିପୋର୍ଟ୍‌କୁ ଭିତ୍ତିହୀନ ଏବଂ ତ୍ରୁଟିପୂର୍ଣ୍ଣ ବୋଲି ସ୍ପଷ୍ଟ କରିଛି । ମନ୍ତ୍ରଣାଳୟ କହିଛି, ଡିଜି ଯାତ୍ରାରେ ଥିବା ଯାତ୍ରୀମାନଙ୍କ ତଥ୍ୟ ଭାରତୀୟ ଟିକସ କର୍ତ୍ତୃପକ୍ଷଙ୍କ ସହ ସେୟାର୍ କରାଯାଉ ନାହିଁ । ଡିଜି ଯାତ୍ରା ଆପ୍‌ରେ ଯେଉଁ ତଥ୍ୟ ଆବଶ୍ୟକ ହୋଇଥାଏ ତାହା କେବଳ ବ୍ୟକ୍ତିଗତ ସ୍ତରରେ ଚିହ୍ନଟ ଯୋଗ୍ୟ ସୂଚନା

ଏବଂ ଭ୍ରମଣ ସମ୍ପର୍କିତ ତଥ୍ୟ ଉପରେ ଆଧାରିତ ଏବଂ ଏହା ସମ୍ପୃକ୍ତ ଉପଭୋକ୍ତାଙ୍କ ନିଜସ୍ୱ ମୋବାଇଲ୍‌ରେ ଷ୍ଟୋର୍ ହୋଇ ରହିଥାଏ ।

ମନ୍ତ୍ରଣାଳୟ କହିଛି, ଯଦି କୌଣସି ଉପଭୋକ୍ତା ଡିଜି ଯାତ୍ରା ଆପ୍ଲିକେସନ୍‌କୁ ଅନ୍-ଇନ୍‌ଷ୍ଟଲ୍ କରନ୍ତି ତେବେ ସେଥିରେ ଗଚ୍ଛିତ ତଥ୍ୟ ଆପେ ଡିଲିଟ୍ ହୋଇଯାଇଥାଏ । ଅନ୍ୟ ପକ୍ଷରେ ବିମାନ ଉଡ଼ାଣର ୨୪ ଘଣ୍ଟା ମଧ୍ୟରେ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ଯାତ୍ରୀଙ୍କ ତଥ୍ୟ ଡାଟାବେସ୍‌ରୁ ବାହାର କରିଦିଆଯାଏ । ବିଭାଗୀୟ ମନ୍ତ୍ରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କେବଳ ଘରୋଇ ଯାତ୍ରୀମାନଙ୍କ ପାଇଁ ଡିଜି ଯାତ୍ରା ଆପ୍ଲିକେସନ୍‌ରେ ସାମୟିକ ସମୟ ପାଇଁ ତଥ୍ୟ ରଖାଯାଏ । କିନ୍ତୁ ଆନ୍ତର୍ଜାତିକ ଯାତ୍ରୀଙ୍କ କ୍ଷେତ୍ରରେ ଏହା ଲାଗୁ ହୁଏ ନାହିଁ । ଏହି ସମ୍ବାଦକୁ ନେଇ ଅକର ବିଭାଗ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ସୁଦ୍ଧା ଡିଜି ଆପ୍ ତଥ୍ୟ ବ୍ୟବହାର କରିବା ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ ।

## ସିବିଡିଟି-ଏକ୍ସଟେନ୍‌ସନ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ୍ ସି.ବି.ଡି.ଟି. – 'ବିବାଦ୍ ସେ ବିଶ୍ୱାସ' ଯୋଜନାର ସମୟସୀମାକୁ ୨୦୨୫ ମସିହା ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛି । ଆଜି ଏହାର ଶେଷ ତାରିଖ ଥିଲା । ଏହି ଯୋଜନାରେ ଟିକସଦାତାଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ ଲାଗି ଅତିରିକ୍ତ ସମୟ ପ୍ରଦାନ କରାଯାଇଥାଏ । ୨୦୨୪ ବଜେଟ୍

ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆୟକର ବିଭାଗର ବିବାଦ ସମାଧାନ ଦିଗରେ ଟିକସଦାତାଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ 'ବିବାଦ ସେ ବିଶ୍ୱାସ' ଯୋଜନା ଘୋଷଣା କରିଥିଲେ । ଟିକସଦାତାମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରି ସେମାନଙ୍କ ବକେୟା ଟିକସ ସମ୍ପର୍କିତ ବିବାଦର ସମାଧାନ ବ୍ୟବସ୍ଥା ଏହି ଯୋଜନାରେ ରହିଛି ।

## ଇଣ୍ଡିଆ-ନେପାଳ ମିଲିଟାରୀ ଏକ୍ସରସାଇଜ୍

ଭାରତ-ନେପାଳ ସାମରିକ ଅଭ୍ୟାସ ସୂର୍ଯ୍ୟ କିରଣର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହେବ । ନେପାଳର ରୁପାଣ୍ଡେହିର ସାଲଝାଣ୍ଡି ଠାରେ ଏହି ଅଭ୍ୟାସ ଅନୁଷ୍ଠିତ ହେବ । ଏଥିରେ ବାଟାଲିୟନ୍ ସ୍ତରୀୟ ମିଳିତ ସାମରିକ ଅଭ୍ୟାସରେ ଜଙ୍ଗଲ ମଧ୍ୟରେ ଯୁଦ୍ଧ, ବିଭିନ୍ନ ପରିସ୍ଥିତିରେ ଆତଙ୍କବାଦ ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନାରେ ମାନବିକ ସହାୟତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି । ଦୁଇ ସପ୍ତାହ ଧରି ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାରତୀୟ ସେନାର ଏକାଦଶ ଗୋର୍ଖା ରାଇଫଲ୍ ଏବଂ ନେପାଳ ସେନାର ଶ୍ରୀଜଙ୍ଗ ବାଟାଲିୟନ୍ ଭାଗ ନେଉଛନ୍ତି । ଏହି ମିଳିତ ସାମରିକ ଅଭ୍ୟାସ ଦ୍ୱାରା ଉଭୟ ଦେଶ ମଧ୍ୟରେ ବୃତ୍ତିଗତ ସହଯୋଗ, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏବଂ ବିଶ୍ୱାସ ବୃଦ୍ଧି ସମେତ ସାଂସ୍କୃତିକ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ଆଶା କରାଯାଉଛି ।

## ମଷ୍ଟ ଆନାଉନ୍ସମେଣ୍ଟ-୨

ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ବର୍ଷଶେଷ ଅବସରରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ ହେବ । କାର୍ଯ୍ୟକ୍ରମର ଶୀର୍ଷକ ହେଉଛି, '୨୦୨୪: ଦ ଇୟର୍ ଦ୍ୟାଟ୍ ୱ୍ୱାଚ୍, ଦ ମେମୋରିଜ୍ ଦ୍ୟାଟ୍ ରିମେନ୍ସ' ।  ଇଂରାଜୀରେ ପ୍ରସ୍ତୁତ ୩୦ ମିନିଟ୍ ଅବଧିର ଏହି କାର୍ଯ୍ୟକ୍ରମ ୧୦୦ ଦଶମିକ ୧ ଏଫ୍ଏମ୍ ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସିରେ ଆଜି ରାତି ୮ଟାରେ ପ୍ରସାରଣ କରାଯିବ । ଆକାଶବାଣୀ ସମ୍ବାଦର ୱେବ୍‌ସାଇଟ୍ newsonair.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍  ଆକାଶବାଣୀ AIR ଓ News on AIR ରେ ପ୍ରସାରଣ କରାଯିବ ।

## ଓଡ଼ିଶା ସିଏମ୍ ନ୍ୟୁ ଇୟର୍

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପରଲୋକ ଏବଂ ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ଫସଲ ନଷ୍ଟ ହୋଇଥିବାରୁ ନୂଆବର୍ଷ କାର୍ଯ୍ୟକ୍ରମ ପାଳନରେ ସାମିଲ ହେବେ ନାହିଁ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଇଂରାଜୀ ନବବର୍ଷ ଉପଲକ୍ଷେ ଆୟୋଜିତ ହେବାକୁ କୌଣସି କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ସାମିଲ ହେବେ ନାହିଁ ବୋଲି କୁହାଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ

ପରଲୋକରେ ୭ ଦିନିଆ ଶୋକ ପାଳନ ହେଉଥିବାରୁ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ହୋଇଥିବାରୁ ଚାଷୀମାନଙ୍କ ଦୁଃଖରେ ମୁଖ୍ୟମନ୍ତ୍ରୀ ସହଭାଗି ହେଉଛନ୍ତି ବୋଲି କୁହାଯାଇଛି । ଏହାଛଡ଼ା ଶୁଭେଚ୍ଛୁ ଏବଂ ଦଳୀୟ କର୍ମୀମାନଙ୍କୁ କୌଣସି ପ୍ରକାର ଉପହାର ନ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

## ହକି

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଗତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ୟୁପି ରୁଦ୍ରସ ୩-୧ ଗୋଲ୍‌ରେ କଳିଙ୍ଗ ଲ୍ୟାନ୍ସର୍ସଙ୍କୁ ପରାସ୍ତ କରିଛି । ଲ୍ୟାନ୍ସର୍ସ୍ ପକ୍ଷରୁ ଏନରିକେ ଗୋଞ୍ଜାଲେଜ୍ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ । ୟୁପି ରୁଦ୍ରାସ୍ ଖେଳର ୧୩ ମିନିଟ୍, ୪୫ ମିନିଟ୍ ଏବଂ ୫୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ରୁଦ୍ରାସ୍‌ର ଗୋଲ୍ ରକ୍ଷକ ଜେମ୍ସ ମାଜାରେଲାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି । ପଏଣ୍ଟ ତାଲିକାରେ ରୁଦ୍ରାସ୍ ଶୀର୍ଷରେ ରହିଛି ।

ଆଜି ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ୍ ତୋଫାନ୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

# ସନ୍ତୋଷ ଟ୍ରଫି ଫୁଟ୍‌ବଲ

ସନ୍ତୋଷ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଟାଇଟଲ୍ ହାସଲ ପାଇଁ ଆଜି ପଶ୍ଚିମବଙ୍ଗ ଏବଂ କେରଳ ମଧ୍ୟରେ ମୁକାବିଲା ହେବ । ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ତୋଷ ଟ୍ରଫିର ପ୍ରଥମ ସେମିଫାଇନାଲ୍‌ରେ ପଶ୍ଚିମବଙ୍ଗ ୪-୨ ଗୋଲ୍‌ରେ ସର୍ଭିସେସ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିଲା । ଦ୍ୱିତୀୟ ସେମିଫାଇନାଲ୍‌ରେ କେରଳ ୫-୧ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା ।